ସତ୍ୟପ୍ରକାଶକୁ ଡର କାହିଁକି ?

୧୯/୦୪/୨୦୦୨

ଆମ ଘରର ହାଲ୍‌ଚାଲ୍

ସୌମ୍ୟରଂଜନ ପଟ୍ଟନାୟକ

ଅମଣିଆ ଷଣ୍ଢକୁ ତା'ର ଶିଙ୍ଗରୁ ନ ଧରିଲେ ମଣ କରିବା କଷ୍ଟକର। ସେହିପରି ଅନେକ ଜଟିଳ ସମସ୍ୟାର ଅସଲ କାରଣ ନ ଜାଣିଲେ ବା ତା'ଚେରକୁ ନ ଧରିଲେ ସେଗୁଡ଼ିକର ସମାଧାନ ଅସମ୍ଭବ। ଏବେ ଆମ ବ୍ୟବସ୍ଥାର ଗୋଟିଏ ବଡ଼ ଦୁର୍ବଳତା ହେଲା, ଅଧିକାଂଶ ମୌଳିକ ସମସ୍ୟା ସମାଧାନରେ ସରକାରୀ କଳର ଅସହାୟ ଅବସ୍ଥା। ନିଜ ଅସହାୟତାକୁ ଘଣ୍ଟ ଘୋଡ଼ାଇବା ପାଇଁ ସରକାର ଯେଉଁ ସବୁ ତଥ୍ୟ ଓ ଯୁକ୍ତିର ଅବତାରଣା କରୁଛନ୍ତି, ତାହା ଅନେକ ସମୟରେ ଅପ୍ରାସଙ୍ଗିକ ଓ ଅନାବଶ୍ୟକ ମନେ ହେଉଛି। ଧାନର ଅଭାବୀ ବିକ୍ରି ପ୍ରସଙ୍ଗ ଓ ଏ ସମ୍ପର୍କରେ ସତ୍ୟ ପ୍ରକାଶ ନନ୍ଦଙ୍କର ବିବାଦୀୟ ରିପୋର୍ଟକୁ ବିଚାର କଲେ, ଗୋଟିଏ କଥା ସ୍ପଷ୍ଟ ହେଉଛି ଯେ, ସରକାର ବୋଧହୁଏ ସତ୍ୟ ପ୍ରକାଶ କରିବାକୁ ଡରୁଛନ୍ତି।

ମାତ୍ର ୫ ପୃଷ୍ଠାର ଶ୍ରୀ ନନ୍ଦଙ୍କର ଏହି ଛୋଟିଆ ରିପୋର୍ଟରେ ଏଭଳି କ'ଣ ମତମନ୍ତବ୍ୟ ରହିଲା ଯେ, ଆମ ମନ୍ତ୍ରିମଣ୍ଡଳର ବରିଷ୍ଠ ସଭ୍ୟମାନେ ବିବ୍ରତ ହୋଇପଡ଼ିଲେ ? ତାଙ୍କୁ ନିଲମ୍ବିତ କରିବା ପର୍ଯ୍ୟନ୍ତ କଥା ଗଲା। ସତ୍ୟପ୍ରକାଶ ତାଙ୍କ ରିପୋର୍ଟରେ କ'ଣ କହିଥିଲେ? ବରଗଡ଼ ଓ ସମ୍ବଲପୁର ଜିଲ୍ଲାରେ ଜିଲ୍ଲା ପ୍ରଶାସନ ଓ ମିଲ୍ ମାଲିକଙ୍କ ଅସାଧୁ ମେଣ୍ଟ ଯୋଗୁଁ ଧାନର ଅଭାବୀ ବିକ୍ରି ସମସ୍ୟା ଅଧିକ ଜଟିଳ ହୋଇଛି। ଖାଦ୍ୟ ବିନିମୟରେ କାମ ଯୋଜନାରେ ଆସୁଥିବା କେନ୍ଦ୍ର ସରକାରଙ୍କ ମାଗଣା ଚାଉଳକୁ ମିଲ୍ ମାଲିକମାନେ କୌଶଳ କ୍ରମେ ହାତେଇ ନେଇ ଖାଦ୍ୟ ନିଗମରେ ଜମା ଦେଇ ନିଜର ଲେଭି କୋଟା ପୂରଣ କରୁଛନ୍ତି। ଫଳରେ ଚାଷୀଙ୍କଠାରୁ ଧାନ କିଣି ଚାଉଳ କରିବା ଦରକାର ପଡୁନାହିଁ। ନିୟନ୍ତ୍ରିତ ବଜାର କମିଟି ମଧ୍ୟ ଏ କ୍ଷେତ୍ରରେ ଯେତିକି ସକ୍ରିୟ ହେବା କଥା, ତାହା ହୋଇନାହିଁ। ଶ୍ରୀ ନନ୍ଦ ପୁଣି କହିଛନ୍ତି ଯେ, ଜିଲ୍ଲାୱାରୀ ଚାଉଳ ସଂଗ୍ରହ କରିବାର ଯେଉଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି, ତାହା ଅବାସ୍ତବ ଏବଂ ପରୋକ୍ଷରେ ଅଭାବୀ ବିକ୍ରି ସମସ୍ୟା ସୃଷ୍ଟି କରୁଛି।

ଆମ ବିଚାରରେ ମନ୍ତ୍ରୀମାନଙ୍କ ମାତ୍ରାଧିକ ପ୍ରତିକ୍ରିୟା ଶ୍ରୀ ନନ୍ଦଙ୍କର ଗୁରୁତ୍ୱକୁ ଅଯଥାରେ ବଢ଼ାଇ ଦେଇଛି। ପ୍ରକାରାନ୍ତରେ ଏହା ଓଡ଼ିଶାର ଭାବଗତ ଏକତାର ଅଭାବ ସମସ୍ୟାକୁ ଅଧିକ ଜଟିଳ କରିବା ପାଇଁ ଇନ୍ଧନ ଯୋଗାଉଛି। ମନ୍ତ୍ରୀମାନେ ଓଡ଼ିଶାର ମନ୍ତ୍ରୀ ନ ହୋଇ ନିଜ ନିଜ ଇଲାକାର ମନ୍ତ୍ରୀ ହେବାପାଇଁ ଚାହୁଁଛନ୍ତି। ଏହା ଆଦୌ ଶୁଭଙ୍କର ନୁହେଁ। ନିଜ ନିଜ ଇଲାକାର ଭୋଟ ଜଗିବାରେ କୌଣସି ଆପତ୍ତି ନାହିଁ। କିନ୍ତୁ ଏଥିପାଇଁ ଅନ୍ୟ ଇଲାକାର ସ୍ୱାର୍ଥକୁ ଜଳାଞ୍ଜଳି ଦିଆ ନ ଯାଉ। ବୁଝି ନେତାମାନଙ୍କ ମଧ୍ୟରୁ ରାଜନେତାଙ୍କୁ ବାରିବା ପାଇଁ ଏହା ହିଁ ଏକମାତ୍ର ପନ୍ଥା। ସରକାର ଓ ମନ୍ତ୍ରୀମାନେ ଏ ସମସ୍ୟାକୁ ମୁକାବିଲା କରିବାକୁ ଚେଷ୍ଟା କରିଥିଲେ ଅଧିକ ଗ୍ରହଣୀୟ ହୋଇଥାନ୍ତେ। ଯଦି ଶ୍ରୀ ନନ୍ଦଙ୍କ ରିପୋର୍ଟରେ କୌଣସି ତଥ୍ୟଗତ ପ୍ରମାଦ ଅଛି, ତାହାହେଲେ ତାକୁ ଉଲ୍ଲେଖ କରିବା ଦରକାର ଥିଲା। ଏକ ଜଟିଳ ସମସ୍ୟାକୁ ଯଦି ଶ୍ରୀ ନନ୍ଦ ଉପରଠାଉରିଆ ଭାବେ ଦେଖି ଅବାଞ୍ଛିତ ମତମନ୍ତବ୍ୟ ଦେଇଛନ୍ତି, ତେବେ ତାଙ୍କ ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରି ଆଉ ଏକ ଉଚ୍ଚସ୍ତରୀୟ କମିଟି ଦ୍ୱାରା ଏହାର ଅନୁସନ୍ଧାନ କରାଯାଇପାରିଥାନ୍ତା। ତାହା ନ କରି ଓଲଟା ଶ୍ରୀ ନନ୍ଦଙ୍କୁ ଗାଳିଦେବା ଦ୍ୱାରା ଅଯଥାରେ ତାଙ୍କର ମର୍ଯ୍ୟାଦା ବୃଦ୍ଧି କରିବା ସଙ୍ଗେ ସଙ୍ଗେ ମନ୍ତ୍ରୀମାନେ ନିଜର ଅମର୍ଯ୍ୟାଦା କରୁଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ସରକାର ଯାହା କୁହନ୍ତୁ ନା କାହିଁକି, ସାଧାରଣ ଜନତା ଶ୍ରୀ ନନ୍ଦଙ୍କ ବକ୍ତବ୍ୟକୁ ଅଧିକ ସତ ବୋଲି ଭାବୁଛନ୍ତି। ଚାଷୀମାନଙ୍କଠାରୁ ସିଧାସଳଖ ଧାନ କିଣିବା ପ୍ରସଙ୍ଗ ଉପରେ ସରକାର ନିଜର ନୀତି ସମ୍ପର୍କରେ ଯେଉଁ ତଥ୍ୟ ଓ ଯୁକ୍ତି ଉପସ୍ଥାପିତ କରୁଛନ୍ତି, ତାହା ମଧ୍ୟ ଗ୍ରହଣୀୟ ହେଉନାହିଁ। ମୋଟାମୋଟି ଭାବେ ସରକାରଙ୍କ ଯୁକ୍ତି ହେଲା ଯେ, ତାଙ୍କ ପାଖରେ ସମ୍ବଳ ନାହିଁ କି, ଏତେ ପରିମାଣରେ ଧାନକୁ ସଂଗ୍ରହ କରି ରଖିବାପାଇଁ ଉପଯୁକ୍ତ ଭିତ୍ତିଭୂମି ନାହିଁ, ପୁଣି ପଡ଼ୋଶୀ ରାଜ୍ୟର ତିକ୍ତ ଅନୁଭବରୁ ଏଭଳି କାର୍ଯ୍ୟକ୍ରମକୁ ସରକାର ହାତକୁ ନେବାକୁ ସାହସ କରୁନାହାନ୍ତି। ସରକାରଙ୍କ ପାଖରେ ଏଥିପାଇଁ ଆବଶ୍ୟକ ଲୋକବଳ ମଧ୍ୟ ନାହିଁ। ଆମ ବିଚାରରେ ଧନବଳ ଓ ଲୋକବଳର ଅଭାବ ଯେତେଟା ବଡ଼ ସମସ୍ୟା ନୁହେଁ, ମନୋବଳର ଅଭାବ ତା'ଠାରୁ ଅଧିକ ବଡ଼ ସମସ୍ୟା ହୋଇ ଦେଖାଦେଇଛି। ସିଧାସଳଖ ଧାନ କିଣିଲେ ସରକାର କେତେ କ୍ଷତି ସହିବେ; ତାହାର ସଠିକ୍ ହିସାବ କରି ଦେଖିଛନ୍ତି କି? ସେହି କ୍ଷତି ପାଇଁ କେତେ ପରିମାଣରେ ଅସାଧୁ ବ୍ୟବସାୟୀମାନେ ଦାୟୀ ଏବଂ ଆଉ କେତେ ପରିମାଣ ମନ୍ତ୍ରୀ-ପ୍ରଶାସକଙ୍କ ଅପାରଗତା ଦାୟୀ, ସେ ବିଷୟରେ ଆଲୋଚନା ହେଉଛି କି? ଅତୀତରେ ସରକାରୀ ଉଦ୍ୟୋଗଗୁଡ଼ିକ ଯେଉଁ ପ୍ରଭୂତ କ୍ଷତି ସହିଲେ ସେଥିପାଇଁ ସବୁ ଦୋଷର ଅଠା ରାଜନେତା ଓ କର୍ମଚାରୀଙ୍କ ମୁଣ୍ଡରେ ବୋଳାଗଲା। ମୋଟା ଦରମା ପାଇ ପରିଚାଳନା ଦାୟିତ୍ୱରେ ଥିବା ବାବୁମାନେ କିନ୍ତୁ ପଦୋନ୍ନତି ପାଇ ପାଇ ମୁଖ୍ୟ ଶାସନ ସଚିବ ହେଲେ। ଏହି ପ୍ରକାର ନ୍ୟାୟ ଯୋଗୁଁ ଆମ ବ୍ୟବସ୍ଥା ଆଜି ସାଧାରଣରେ ବିଶ୍ୱାସ ହରାଉଛି।

ମିଲ୍ ମାଲିକଙ୍କ ଉପରେ ଦୋଷ ଲଦିଦେଇ ଧାନକିଣା ନୀତିରେ ପରିବର୍ତ୍ତନ ଆଣିଲେ ଯେ ସମସ୍ୟାର ସମାଧାନ ହୋଇଯିବ, ତାହା ମଧ୍ୟ ଠିକ୍ ନୁହେଁ। ଆଜିର ଧାନର କିଣାବିକା ପ୍ରକ୍ରିୟାରେ ଚାଷୀ ଏବଂ ମିଲ୍ ମାଲିକଙ୍କ ମଧ୍ୟରେ ଆହୁରି ଅନେକ ଛୋଟବଡ଼ ମଧ୍ୟମ ବ୍ୟବସାୟୀ ଓଡ଼ିଶାର ଗାଁ ଗହଳିରେ ଜାଲ ପରି ଛନ୍ଦି ହୋଇ ରହିଛନ୍ତି। ଏହିମାନେ ହିଁ ଚାଷୀମାନଙ୍କଠାରୁ ସିଧାସଳଖ ଧାନ କିଣନ୍ତି। ଏହିମାନେ ହିଁ ପ୍ରକୃତ ମୂଲ୍ୟ ନିର୍ଦ୍ଧାରଣ କରନ୍ତି। ଅଭାବୀ ବିକ୍ରିରୁ ସବୁଠାରୁ ବେଶି ଫାଇଦା ଏଇମାନେ ହିଁ ପାଉଛନ୍ତି। ଏହା ପଛରେ ଏକ ସାମାଜିକ ଓ ନୈତିକ କାରଣ ମଧ୍ୟ ରହିଛି। ଏହି କ୍ଷୁଦ୍ର ବ୍ୟବସାୟୀମାନେ ଚାଷୀଭାଇର ସୁଖଦୁଃଖର ସାଥୀ। ବିବାହ, ବ୍ରତଘର ବା ଶୁଦ୍ଧଘରରେ ଦରକାର ପଡୁଥିବା ଅର୍ଥ ଚାଷୀମାନଙ୍କୁ ସେହିମାନେ ହିଁ ଯୋଗାଇଥାଆନ୍ତି। କୌଣସି ପ୍ରକାର ଆପଦକାଳୀନ ସ୍ଥିତିରୁ ମୁକୁଳିବାପାଇଁ ଏଇମାନଙ୍କ ଗାଡ଼ିଘୋଡ଼ା ଓ ସାମୟିକ ସାହାଯ୍ୟ ଚାଷୀଭାଇକୁ କିଛିଟା ଆଶ୍ୱସ୍ତ କରିଥାଏ। ସେଥିପାଇଁ ଚାଷୀଭାଇଟି ଏଇମାନଙ୍କ ପାଖରେ ଋଣୀ। ପୁରୁଣାକାଳିଆ ମହାଜନ ପରିବର୍ତ୍ତେ ଆଜି ଗାଁମୁଣ୍ଡର ଏଇ କ୍ଷୁଦ୍ର ବ୍ୟବସାୟୀଟି ଆମ କୃଷି ଅର୍ଥନୈତିକ ବ୍ୟବସ୍ଥାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି। ଏମାନଙ୍କ ଜାଲରୁ ଚାଷୀ ଭାଇଟିକୁ ମୁକ୍ତ କରିବାକୁ ହେଲେ ଏମାନେ ଦେଉଥିବା ସୁବିଧା ସୁଯୋଗ ଦେବାପାଇଁ ଏକ ବିକଳ୍ପ ବ୍ୟବସ୍ଥା ହେବା ଦରକାର। ଅତୀତରେ ସମବାୟ ଆନ୍ଦୋଳନ କିଛି ପରିମାଣରେ ଏହି ଅଭାବକୁ ପୂରଣ କରୁଥିଲା। ଆଜି ଆମ ସମବାୟ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ସର୍ବନିମ୍ନ ସମବାୟ ଅନୁଷ୍ଠାନ ଲ୍ୟାମ୍ପଠାରୁ ଆରମ୍ଭ କରି ସର୍ବୋଚ୍ଚ ଅନୁଷ୍ଠାନ ସବୁ ଆଜି ରୁଗ୍ଣ ହୋଇଯିବା ଫଳରେ ଏଭଳି ସୁବିଧା ସୁଯୋଗ ଦେବା ଅବସ୍ଥାରେ ନାହାନ୍ତି। ସରକାରଙ୍କ ସମବାୟ ନୀତି ମଧ୍ୟ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ମେଣ୍ଟ ସରକାରର ଅଂଶୀଦାର ଦଳର ନେତାମାନେ ଏହି ଅନୁଷ୍ଠାନଗୁଡ଼ିକୁ ଜମିଦାରୀ ସୂତ୍ରରେ କିପରି ବାଣ୍ଟିନେବେ, ସେ ନେଇ ଟଣାଓଟରା ଚାଲିଛି। ଚାଷୀର ଆବଶ୍ୟକ ପଡୁଥିବା ଅର୍ଥ ଯୋଗାଇଦେବାପାଇଁ ଅନ୍ୟ କୌଣସି ବିକଳ୍ପ ଅନୁଷ୍ଠାନ ନାହିଁ। ଏଭଳି ଅବସ୍ଥାରେ ଚାଷୀ କରିବ କ'ଣ ? ଏପରି ଆହୁରି ଅନେକ ମୌଳିକ ସମସ୍ୟା ରହିଛି। ସେଗୁଡ଼ିକ ମୁକାବିଲା କରିବା ପରିବର୍ତ୍ତେ ସରକାର ଏଫ୍‌ସିଆଇ ଧାନ କିଣୁ ବୋଲି କହି ନିଜ ଉପରୁ ଦୋଷ ଛଡ଼ାଉଛନ୍ତି। ମେଣ୍ଟର ଭାଗିଦାରୀ ଦଳମାନଙ୍କର ବକ୍ତବ୍ୟ ଅନେକ ସମୟରେ ବୁଝିବା କଷ୍ଟକର ହେଉଛି। ଦଳର ମତ ଏକପ୍ରକାର ହେଉଛି ତ ସେହି ଦଳର ପ୍ରତିନିଧିତ୍ୱ କରୁଥିବା ମନ୍ତ୍ରୀଙ୍କର ଅନ୍ୟ ପ୍ରକାର। କେନ୍ଦ୍ର ସରକାର ଯଦି ଓଡ଼ିଶାକୁ ସାହାଯ୍ୟ କରିବାକୁ ଚାହୁଁଛନ୍ତି, ତାହାହେଲେ ସେ ଖାଦ୍ୟପାଇଁ କାମ ଯୋଜନାରେ ମାଗଣାରେ ଚାଉଳ ନ ଦେଇ ସେଇ ଅନୁପାତରେ ପଇସା ଦେଲେ ତା'ର ବିନିଯୋଗ କରି ଚାଷୀମାନଙ୍କଠାରୁ ସିଧାସଳଖ ଧାନ କିଣାଯାଇପାରନ୍ତା। ଓଡ଼ିଶାର ସ୍ୱାର୍ଥକୁ ଅଗ୍ରାଧିକାର ଦେବାପାଇଁ ସଂକଳ୍ପ ନେଇଥିବା ଆଞ୍ଚଳିକ ବିଜୁ ଜନତା ଦଳ କେନ୍ଦ୍ର ସରକାରଙ୍କ ଉପରେ ଏପରି ଚାପ ପକାଇବାକୁ ଡରୁଛନ୍ତି କାହିଁକି? ପଡ଼ୋଶୀ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କଠାରୁ ଏଇ ପାଠ ଶିଖିବାରେ ଅସୁବିଧା କେଉଁଠି?

ହାଇକୋର୍ଟରେ ଯଦି ସତ୍ୟପ୍ରକାଶ ନନ୍ଦଙ୍କ ରିପୋର୍ଟକୁ ନଥି କରି ଏକ ମାମଲା রୁଜୁ ହୋଇ ନ ଥାନ୍ତା, ତାହାହେଲେ ହୁଏତ ଆଜି ଏ ଆଲୋଚନାର ଅବକାଶ ନ ଥାନ୍ତା। କିନ୍ତୁ ଆମେ ଅଧିକ ବିବ୍ରତ ଯେ, ଓଡ଼ିଶାର ଶତକଡ଼ା ୮୦ ଭାଗ ଲୋକଙ୍କ ଜୀବନ ଜୀବିକାକୁ ନେଇ ମୁଣ୍ଡ ଟେକିଥିବା ଏ ସମସ୍ୟାଟି ପାଇଁ ପୁଣି ଉଚ୍ଚ ନ୍ୟାୟାଳୟକୁ ହିଁ ହସ୍ତକ୍ଷେପ କରିବାକୁ ପଡ଼ିଲା। ଆମ ରାଜନେତା ଓ ପ୍ରଶାସକମାନେ ସାଧାରଣତଃ ନ୍ୟାୟାଳୟର ଏପରି ହସ୍ତକ୍ଷେପକୁ ନାପସନ୍ଦ କରନ୍ତି। ନ୍ୟାୟାଳୟଗୁଡ଼ିକ ପାଖରେ ଅନେକଗୁଡ଼ିଏ ମାମଲା ପଡ଼ିରହିଥିବାବେଳେ ଏସବୁ ଅଯଥା କଥାରେ ମାତିବା ଫଳରେ ଅସଲ ନ୍ୟାୟ ବିଳମ୍ବିତ ହେଉଛି ବୋଲି ଯୁକ୍ତି କରନ୍ତି। କିନ୍ତୁ ପ୍ରଶ୍ନ ହେଲା, ସତ୍ୟପ୍ରକାଶ ନନ୍ଦ ଗତ ବର୍ଷ ମେ ୧୯ ତାରିଖରୁ ସରକାରଙ୍କୁ ରିପୋର୍ଟ ଦେଲେଣି। ଆଜି ମଧ୍ୟ ଠିକ୍ ମେ ୧୯ ତାରିଖ। ଗୋଟିଏ ବର୍ଷ ବିତିଗଲା। ଏଇ ସମ୍ପର୍କରେ ସରକାର କୌଣସି ନିଷ୍ପତ୍ତି ନେଇପାରିଲେ ନାହିଁ। ଏହା ହିଁ ଆମ ବିଚାରରେ ଅସଲ ସମସ୍ୟା। ସରକାର ସମସ୍ୟାର ଅସଲ କାରଣକୁ ଖୋଜନ୍ତୁ। ନିଜେ ଖୋଜି ନ ପାରିଲେ ଅନ୍ୟର ସାହାଯ୍ୟ ନିଅନ୍ତୁ ଏବଂ ତାକୁ ଦୃଢ଼ ମନୋବଳ ସହିତ ମୁକାବିଲା କରିବା ପାଇଁ ଚେଷ୍ଟା କରନ୍ତୁ। ସତ୍ୟପ୍ରକାଶକୁ ଡରନ୍ତୁ ନାହିଁ।